## ସଂକ୍ଷେପରେ

### ବାଇକ୍‌ରୁ ଖସି ବସ୍ ଚକାତଳେ ଜୀବନ ଗଲା

**ଭଞ୍ଜନଗର,୧୯।୧(ଡି.ଏନ.ଏ):** ଭଞ୍ଜନଗର ଆସିକା ମୁଖ୍ୟ ରାସ୍ତାର ବାଉଁଶଲୁଣ୍ଡିଠାରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ମୁଦୁଲିପଲ୍ଲୀର ଯାଜ୍ଞସିନୀ ସ୍ୱାଇଁ (୫୦) ମୃତ୍ୟୁବରଣ କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ପ୍ରକାଶଯେ, ଯାଜ୍ଞସିନୀ ସ୍ୱାମୀ ସୁଦର୍ଶନଙ୍କ ବାଇକ୍‌ରେ ବସି ମେଣ୍ଟପୁର ଅଭିମୁଖେ ଯାଉଥିବାବେଳେ ବାଉଁଶଲୁଣ୍ଡି ଠାରେ ଖସିପଡ଼ିଥିଲେ। ସେହି ସମୟରେ ଆସୁଥିବା ଏକ ବସ୍ ତାଙ୍କ ହାତ ଉପରେ ଚଢି ଚାଲିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ଯାଜ୍ଞସିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାଜ୍ଞସିନୀଙ୍କ ପରିବାର ଲୋକେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି ଯେ, ବ୍ରହ୍ମପୁର ଯାଉଥିବା ଏକ ବସ୍ ସୁଦର୍ଶନଙ୍କ ବାଇକ୍ ସହ ଘସିହୋଇ ଯିବାବେଳେ ଯାଜ୍ଞସିନୀ ବାଇକରୁ ଖସି ପଡିଥିଲେ। ପରେ ବସ୍‌ର ପଛ ଚକା ତାଙ୍କ ଉପରେ ଚଢି ଯାଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଉଛି।

### ଆଇନ ସଚେତନତା ଶିବିର

**ବେଗୁନିଆପଡ଼ା,୧୯।୧(ଡି.ଏନ.ଏ.)-** ବେଗୁନିଆପଡ଼ା ଖଲ୍ଲିକୋଟ ତାଲୁକା ଆଇନ ସେବା କେନ୍ଦ୍ର ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବ୍ଲକ ସୁମଣ୍ଡଳ ପଞ୍ଚାୟତ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ଶ୍ରୀନିବାସ ପ୍ରତିହାରୀ, ଆସିଷ୍ଟାଣ୍ଟ ସେସନ ଜଜ୍ ଅଲେଖ କୁମାର ପ୍ରଧାନ, ଜଜ୍ ଶାନ୍ତିଶ୍ରୀ ମହାନ୍ତି, ବାର ସଭାପତି ରାଜେନ୍ଦ୍ର ପ୍ରସାଦ ରଥ, ସରପଞ୍ଚ ସନ୍ତୋଷିନୀ ସାହୁ ଯୋଗଦେଇ ଆଇନର ବିଭିନ୍ନ ଦିଗ ଓ ଅସହାୟ ବ୍ୟକ୍ତି, ଦିବ୍ୟାଙ୍ଗମାନଙ୍କ ପାଇଁ ଆଇନର ସହାୟତା ଉପରେ ଆଲୋକପାତ କରିଥିଲେ। ଗରିବ ଲୋକ ଆଇନର ସହାୟତା ନେବାପାଇଁ କୋର୍ଟରେ ଏକ କମିଟି ଗଠନ କରାଯାଇଛି। ଏହାର ସହାୟତା ନେବା ପାଇଁ କହିଥିଲେ।

# ଅବ୍ୟବସ୍ଥାରେ ମାର୍ଦ୍ଦିପଙ୍କା ପ୍ରାଥମିକ ବିଦ୍ୟାଳୟ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୯।୧(ଡି.ଏନ୍.ଏ.)**


ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବାବେଳେ ଘୁଷୁରି, କୁକୁର ନିକଟରେ ବୁଲୁଛନ୍ତି।

- ନିମ୍ନମାନର ମଧ୍ୟାହ୍ନ ଭୋଜନ
- କୁକୁର, ଘୁଷୁରୀ ମେଳରେ ଖାଉଛନ୍ତି ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ତଥା ମାଓବାଦୀ ପ୍ରବଣ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ଛାତ୍ରୀଛାତ୍ରଙ୍କୁ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ବିଭାଗୀୟ ଅଧିକାରୀ ପରିଦର୍ଶନରେ ଯାଉ ନ ଥିବାବେଳେ ଶିକ୍ଷକମାନେ ନିୟମିତ ଆସୁ ନାହାନ୍ତି। ଏଭଳି ଦେଖିବାକୁ ମିଳିଛି ଉକ୍ତ ବ୍ଲକ ସରାମୁଳି ପଞ୍ଚାୟତ ମାର୍ଦ୍ଦିପଙ୍କା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବ୍ଲକ ସଦରମହକୁମା ଠାରୁ ପ୍ରାୟ ୭୦ କିମି ଦୂର ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳରେ ରହିଛି ମାର୍ଦ୍ଦିପଙ୍କା ବିଦ୍ୟାଳୟ। ପ୍ରଥମରୁ ୭ମ ପର୍ଯ୍ୟନ୍ତ ମୋଟ ୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪ ଜଣ ଶିକ୍ଷକ ରହିଛନ୍ତି, ହେଲେ ଶନିବାର ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟରେ ଦାରିଙ୍ଗବାଡ଼ି ଯାଇଥିବା ବେଳେ ଅନ୍ୟ ୨ ଜଣ ଶିକ୍ଷକ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଜଣେ ଶିକ୍ଷକ ୭ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କେବଳ ଜଗି ବସିଥିଲେ। ସେହିପରି ମଧ୍ୟାହ୍ନ ଭୋଜନ ମଧ ଅତି ନିମ୍ନମାନର ଦିଆଯାଉଥିବା ଜଣାପଡ଼ିଛି। ଶନିବାର ପିଲାଙ୍କୁ ଅଣ୍ଡା ତରକାରୀ ଦିଆଯିବା ନିୟମ ରହିଥିବାବେଳେ କେବଳ ସିଝା ଅଣ୍ଡା ସହ ପାଣିଆ ଡାଲି ଦିଆଯାଇଥିଲା। ଛାତ୍ରୀଛାତ୍ର ଏଣେତେଣେ ବସି ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ନିକଟରେ କୁକୁର, ଘୁଷୁରି, ଛେଳି ଏବଂ କୁକୁଡ଼ା ବିଚରଣ କରୁଥିଲେ। ଅଞ୍ଚଳରେ ଅନେକ ସମୟରେ ସ୍ୱାଇନ୍‌ଫ୍ଲୁ ଭଳି ରୋଗ ହେବା ନଜିର ରହିଥିବାବେଳେ ଏଥିପ୍ରତି ବିଦ୍ୟାଳୟର ଶିକ୍ଷକଙ୍କର କିନ୍ତୁ ନିଘା ନାହିଁ। ଏନେଇ ଶନିବାର ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସୁଧାଂଶୁ ମୁଠାମାଝୀ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଦ୍ୟାଳୟରେ ପାଚେରି ନଥିବା ଯୋଗୁ ବେଧଡ଼କ ଘୁଷୁରୀ, କୁକୁର ଆଦି ବିଦ୍ୟାଳୟ ପରିସରକୁ ପଶି ଆସୁଛନ୍ତି। ଏନେଇ ଜିଲା ପ୍ରଶାସନଠାରୁ ସ୍ଥାନୀୟ ପ୍ରଶାସନ, ସରପଞ୍ଚ ଏବଂ ବିଇଓଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କେହି ପଦକ୍ଷେପ ନେଉନାହାନ୍ତି। ସେହିପରି ପାଣିଆ ଡାଲି ସମ୍ପର୍କରେ ସେ କହିଛନ୍ତି ଯେ ଅଣ୍ଡାତରକାରୀ ଦେବାର ନିୟମ ରହିଛି। ହେଲେ ପିଲାମାନେ ତରକାରୀ ବଦଳରେ ଶିଝା ଅଣ୍ଡା ଖାଇବାକୁ ଭଲ ପାଉଛନ୍ତି। ଏବଂ ତରକାରୀ ବଦଳରେ ଡାଲି କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ୧କେଜି ଡାଲି ପକାଯାଇଥିବା ସେ କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ ଶିକ୍ଷକ ୨ ଜଣ ଛୁଟିରେ ଥିବା ସେ ଜାଣିନାହାନ୍ତି। ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ସେ ଶୀଘ୍ର ତଦନ୍ତ କରି ପଦକ୍ଷେପ ନେବେ।

## ପୋଲିସ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ


ଏସ୍‌ପିଙ୍କ ସହ ଚାମ୍ପିୟନ ଖେଳାଳି।

**ଫୁଲବାଣୀ ଅଫିସ, ୧୯।୧**

ରିଜର୍ଭ ପଡିଆରେ ଆରମ୍ଭ ହୋଇଥିବା ଜିଲା ପୋଲିସ ଦୌଡକୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ପୁରୁଷ ବିଭାଗ ୧୧୦ ମିଟର ହର୍ଡଲ୍ସ, ହାଇ ଜମ୍ପ ଏବଂ ଟ୍ରିପିଲ ଜମ୍ପରେ ଖଗେଶ୍ୱର ପାତ୍ର, ମହିଳା ବିଭାଗ ଲଙ୍ଗ ଜମ୍ପ, ୨୦୦ ମିଟର ଦୌଡରେ ପ୍ରଥମ ଏବଂ ୧୦୦ ମିଟର ଦୌଡରେ ଦ୍ୱିତୀୟ ହୋଇ ଏସ୍‌ଆଇ କୌଶଲ୍ୟା ବେହେରା, ୧୦୦ ମିଟର ଦୌଡ ଓ ହାଇ ଜମ୍ପରେ ପ୍ରଥମ ଏବଂ ୨୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି କନେଷ୍ଟେବଲ ସ୍ନେହଲତା ମଲ୍ଲିକ ବେଷ୍ଟ ଆଥ୍‌ଲେଟ ଭାବେ ବିବେଚିତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ପି ପ୍ରତୀକ ଗୀତା ସିଂ, ଅତିରିକ୍ତ ଏସ୍‌ପି ବିପିନ ବିହାରୀ ବେହେରା, ଡେପୁଟି କମାଣ୍ଡାଣ୍ଟ ଏସ୍. କେ. ଦଣ୍ଡସେନା, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ବାଲିଗୁଡା ଏସ୍‌ଡିପିଓ ମନୋରଞ୍ଜନ ବାରିକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ସମ୍ପର୍କୀୟଙ୍କ ଘରେ ୨ ବର୍ଷ, କେବେ ମିଳିବ ଆବାସ


ଭାଙ୍ଗି ଯାଇଥିବା ଘର।

**ଫିରିଙ୍ଗିଆ,୧୯।୧**

ଫିରିଙ୍ଗିଆ ବ୍ଲକରେ ଆବାସ ଯୋଜନା ଦିଗହରା ହୋଇପଡିଛି। ଥିଲା ବାଲାଙ୍କୁ ଘର ମିଳୁଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ୨୦୧୮ ଅଗଷ୍ଟରେ ହୋଇଥିବା ପ୍ରବଳ ବର୍ଷାରେ ଘର ଭାଙ୍ଗି ଯାଇଥିବାରୁ ସେମାନେ ଗାଁରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ଯାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସଲାଗୁଡା ପଞ୍ଚାୟତ ତାମ୍ପିସୁଗାର ନରେଶ କହଁରଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ। ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଘର ପାଇଁ ଦୌଡ଼ି ନୟାନ୍ତ ହେଲେଣି। ତଥାପି କେହି ଦୃଷ୍ଟି ଦେଉ ନାହାନ୍ତି ବୋଲି ସେ କହିଛନ୍ତି। ତେବେ ଆବାସ ଯୋଜନା କାହା ପାଇଁ ବୋଲି ଏବେ ପ୍ରଶ୍ନ ଉଠିଛି। ନରେଶଙ୍କ ପରିବାର କହିଲେ ସ୍ତ୍ରୀ, ପୁଅ ଓ ମା'। ସେମାନେ ମାଟିଘର କରି ରହୁଥିଲେ। ବର୍ଷା ଯୋଗୁ କାନ୍ଥ ସହ ଘର ଭୁଷୁଡି ପଡିଥିଲା। ଆର୍‌ଆଇ ଯାଇ ପଲିଥିନ ଖଣ୍ଡେ ଯୋଗାଇ ଦେଇଥିଲେ। ବିଡିଓ ରଶ୍ମୀ ରଞ୍ଜନ ମହନ୍ତଙ୍କୁ ପଚାରିବାରୁ ସେ ଘଟଣା ବିଷୟରେ ଜାଣିନାହିଁ। ତଥାପି ତାଙ୍କୁ କିପରି ଘର ମିଳିବ ଚେଷ୍ଟା କରିବୁ ବୋଲି କହିଛନ୍ତି।

## ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି

**ଫୁଲବାଣୀ ଅଫିସ, ୧୯।୧**

ଫୁଲବାଣୀସ୍ଥିତ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ସଭାଗୃହରେ କୋମଲ ଗାନ୍ଧାର ମ୍ୟୁଜିକାଲ୍ ଗ୍ରୁପ୍ ପକ୍ଷରୁ ସ୍ୱର୍ଗତ ସାହିତ୍ୟିକ ବାଇଡ଼ଙ୍କ ଦାସ, କବି କିଶୋର ପଟ୍ଟନାୟକ, ବିଶିଷ୍ଟ ତବଲାବାଦକ ରାଧାକାନ୍ତ ନନ୍ଦ ଏବଂ ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଖଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ଗୀତ ମାଧ୍ୟମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଗୀତ ଗାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। କୋମଲଗାନ୍ଧାରର ସଭାପତି ଗୋପିନାଥ ରାଉତ ଓ ଅନ୍ୟମାନେ ସ୍ୱର୍ଗତ ବ୍ୟକ୍ତି ବିଶେଷଙ୍କ ସ୍ମୃତି ଚାରଣ ପରେ ଆକାଶବାଣୀ ତଥା ଦୂରଦର୍ଶନର କଣ୍ଠଶିଳ୍ପୀ ଗୁରୁ ରାଜେନ୍ଦ୍ର ବେହେରା, ଅସିତ ନନ୍ଦ, ରମାକାନ୍ତ ମାଝୀ ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ।

**FORM NO.: 13**

**BEFORE THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK, ODISHA
O.A. No.: 176 of 2019

**Bank of Baroda, Main Branch, Cuttack** ...Applicant.
Versus
**M/s. Sharp India Engineering & Others** ...Defendants.

1. **M/s. Sharp India Engineering,** Represented through its Proprietor. Regd. Office - At - Basanta Vihar, Link Road, P.O: Arunodaya Market, Town/Dist- Cuttack-12, Odisha. Factory- At/Po- Patapur, P.S.- Barang, Dist- Cuttack.
2. **Sri Santosh Kumar Mohanty,** S/o- Samir Kumar Mohanty, At- Basanta Vihar, Link Road, P.O: Arunodaya Market, Town/Dist- Cuttack- 753012.

**SUMMONS BY PAPER PUBLICATION FOR SHOWING AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 176/2019** in the court of The Debts Recovery Tribunal, Cuttack for recovery of **Rs. 81,84,004/- only** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **28.02.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 9th **day of January 2020.**

**Sd/- Manoj Kumar Patnaik**
**Registrar**

## ବୃଦ୍ଧଙ୍କ ତଣ୍ଟିକାଟି ଲୁଟ ଅଭିଯୋଗ

**ଦିଗପହଣ୍ଡି,୧୯।୧(ଡି.ଏନ.ଏ.):** ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥର ପୀତାମ୍ବରପୁର ଛକ ନିକଟରେ ରବିବାର ଜଣେ ବୃଦ୍ଧଙ୍କ ତଣ୍ଟି କାଟି ଦୁର୍ବୃତ୍ତମାନେ ୨୭ ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ବୃଦ୍ଧ ହେଲେ ସିଦ୍ଧେଶ୍ୱର ଗ୍ରାମ ଗୋଲା ସାହିର ଗାଇଆଳ ମଲା ପାତ୍ର (୬୫)। ଅପରାହ୍ନରେ ମଲା ଗୋରୁ ଚରାଇ ଗାଁକୁ ଫେରୁଥିଲେ। ରାସ୍ତାକଡ଼ରେ ଥିବା ଦେଶୀମଦ ଭାଟିରୁ ଜଣେ ନିଶାସକ୍ତ ଯୁବକ ଆସି ମଲାଙ୍କୁ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେ ମନା କରିବାରୁ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ବୃଦ୍ଧଙ୍କୁ ରାସ୍ତାକଡ଼ ବୁଦାମୂଳକୁ ଡାକି ନେଇ ଲୁଟ ପାଟ କରିବା ସହ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଫେରାର ହୋଇଯାଇଥିଲେ। ବୃଦ୍ଧ ଜଣକ ଘୋଷାରି ହୋଇ ରାସ୍ତାକୁ ଆସି ଚେତାଶୂନ୍ୟ ହୋଇଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ, ସିଦ୍ଧେଶ୍ୱର ସରପଞ୍ଚ ପ୍ରତିନିଧି ସରୋଜ କୁମାର ଜେନା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଦିଗପହଣ୍ଡି ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଅପରପକ୍ଷରେ ପୀତାମ୍ବରପୁର-ବାସୁଦେବପୁର ଗାଁ ଛକରେ ମଦ ଦୋକାନ ବନ୍ଦ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସିପିଆଇ ବଡ଼ ଖେମୁଣ୍ଡି ଜୋନାଲ କମିଟି ସମ୍ପାଦକ କିଶୋର ଶତପଥୀ ଚେତାବନୀ ଦେଇଛନ୍ତି।

DADLS-89



## ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
## ୨୦ ଜାନୁଆରୀ, ୨୦୨୦

**ସମୟ – ସକାଳ ଘ.୭.୩୦.ମି.**
କଳ୍ପନା ଛକସ୍ଥିତ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

**ସାଧାରଣ ସଭା**
**ସମୟ – ସଂଧ୍ୟା ଘ.୫.୩୦ ମିନିଟ୍** **ସ୍ଥାନ – ଜୟଦେବ ଭବନ**

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**,
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି**, ପୂର୍ବତନ ବାଚସ୍ପତି ଏବଂ ସଭାପତି,
ଚାଖିଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି
**ଡଃ. ଲେନିନ୍ ମହାନ୍ତି**, ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟ ବକ୍ତା – **ଡଃ. ଗିରିଶ ପ୍ରସାଦ ସ୍ୱାଇଁ**, ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0124/1920

# ଘୁମୁସର ଆବାସିକ ମହାବିଦ୍ୟାଳୟର ବାର୍ଷିକୋତ୍ସବ


ବୈଠକରେ ଉପସ୍ଥିତ ଛାତ୍ରୀଛାତ୍ର।

**ଭଞ୍ଜନଗର,୧୯।୧(ଡି.ଏନ୍.ଏ.)**

ଭଞ୍ଜନଗର ଘୁମୁସର ଆବାସିକ ମହାବିଦ୍ୟାଳୟ ଓ ବିସିସିଏମ୍‌ର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ୍ ଅମର ରଥ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. ବି. ଏନ୍. ଦାସ ମୁଖ୍ୟଅତିଥି, ଶିବରାମ ପଣ୍ଡା ସମ୍ମାନିତ ଅତିଥି ଓ କେଏସ୍‌ୟୁବି କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନର ଚେୟାରମ୍ୟାନ୍ ରଥ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଅଧକ୍ଷ ଗୌରୀ ଶଙ୍କର ହୋତା ସଭା ସଂଯୋଜନା କରିଥିବାବେଳେ ସମ୍ପାଦକ ତୈଲୋକ୍ୟ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ଦିଲିପ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଟିକେଟ୍‌ରୁ ଆଦାୟ ୫୦ ହଜାର ରେଡକ୍ରସକୁ ପ୍ରଦାନ

**ଭଞ୍ଜନଗର,୧୯।୧(ଡି.ଏନ୍.ଏ.)**

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଭିନବ ପ୍ରୟାସ। ରାଜସ୍ୱ ବିଭାଗ କର୍ମଚାରୀମାନେ ସର୍ବଦା ବ୍ୟସ୍ତ ରହୁଛନ୍ତି।

**ରାଜସ୍ୱ କ୍ରିକେଟ ଟୁର୍ନାମେଣ୍ଟ**


ଖେଳାଳୀମାନଙ୍କ ସହ ମୁଖ୍ୟଅତିଥି ଶ୍ରୀକାନ୍ତ ସାହୁ ପରିଚିତ ହେଉଛନ୍ତି।

ତେଣୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଖଣ୍ଡସ୍ତରୀୟ ରାଜସ୍ୱ କ୍ରିକେଟ ଟୁର୍ନାମେଣ୍ଟର ଯୋଜନା କରିଥିଲେ। ରବିବାର ସ୍ଥାନୀୟ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ କଲେଜ ଖେଳପଡ଼ିଆରେ ଏହା ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇ ଖେଳିବା ସହ ଏକତାର ପରିଚୟ ଦେଇଥିଲେ। ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆଗାମୀ ଦିନରେ ଅନ୍ୟ ବିଭାଗର କର୍ମଚାରୀମାନଙ୍କୁ ନେଇ ବଡ଼ଧରଣର ଟୁର୍ନାମେଣ୍ଟ କରାଯାଉ। ଏଥିସହ ନିର୍ବାଚନମଣ୍ଡଳୀସ୍ତରୀୟ ଟିମ୍ ଗଠନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ.ଏସ୍.ୟୁ.ବି କଲେଜ ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏସ୍. ମାର୍କଣ୍ଡେୟ, ବିଡ଼ିଓ ଅନିଲ କୁମାର ସେଠୀ, ଏସ୍‌ଡ଼ିଏମ୍‌ଓ ଏସ୍.ଏସ୍.ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍‌ରେ ବୁଗୁଡ଼ା, ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ତହସିଲ ସେମି ଫାଇନାଲରେ ପ୍ରବେଶ କରିଛି। ୨୩ରେ ପୁଣି ସରକାରୀ କାର୍ଯ୍ୟାଳୟ ଛୁଟି ଥିବାଯୋଗୁ ଉକ୍ତଦିନ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ହେବ। ଏହାପରେ ପୁରସ୍କାର ପ୍ରଦାନ କରାଯିବ। ଆଜିର ମ୍ୟାଚ୍‌କୁ ଦେଖିବା ପାଇଁ ଟିକେଟ ବ୍ୟବସ୍ଥା କରାଯାଇଥିଲା। ଟିକେଟ ବାବଦକୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି। ଉକ୍ତ ଟଙ୍କାକୁ ଜିଲା ରେଡ଼କ୍ରସ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ଉପଜିଲାପାଳ ସଭାରେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭଞ୍ଜନଗର ତହସିଲଦାର ଅନିଲ କୁମାର ପ୍ରଧାନ, ସେକ୍ସନ ଅଫିସର ଅନିଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ଉପଖଣ୍ଡର ୮ ତହସିଲର ୮ଟି ଟିମ୍ ସହ ଉପ ଜିଲାପାଳ କାର୍ଯ୍ୟାଳୟର ଗୋଟିଏ ଟିମ୍ ଭାଗ ନେଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ବୁଗଡ଼ା,୧୯।୧(ଡି.ଏନ୍.ଏ.): ବୁଗୁଡ଼ା ଥାନା ଜେକ ନିକଟ ମୁଖ୍ୟ ସଡ଼କରେ ରବିବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଡ଼ଗାଁ ଥାନା ଜୋଡ଼ପୁଟ ଗ୍ରାମର ସୁଶାନ୍ତ ପାତ୍ର(୩୦)। ବୁଗୁଡ଼ା ଥାନା ଜେକ ଗ୍ରାମର ସୀମାଞ୍ଚଳ ପ୍ରଧାନ ଓ ଗୋବିନ୍ଦ ପ୍ରଧାନ ଆହତ ହୋଇଛନ୍ତି। ସୁଶାନ୍ତ ବାଇକ୍‌ରେ ତୁରମ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସୀମାଞ୍ଚଳ ଓ ଗୋବିନ୍ଦଙ୍କ ବାଇକ୍‌କୁ ଧକ୍କା ଦେଇ ପରେ ଏକ ଟ୍ରାକ୍ଟରରେ ପିଟି ହୋଇଥିଲା। ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ।

### କୈବର୍ତ୍ତ ସମାଜ ବୈଠକ

ଶେରଗଡ,୧୮।୧(ଡି.ଏନ୍.ଏ.): ଶେରଗଡ ପାଇକସାହିସ୍ଥିତ କୋଠଘରେ ଶନିବାର କୈବର୍ତ୍ତସମାଜର ବନ୍ଧୁମିଳନ ଓ ମହା ସମ୍ମିଳନୀ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସହ ସମ୍ପାଦକ କୈଳାସ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୧୯ରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ସମାଜର ଗରିବ ପରିବାରଙ୍କ ଥଇଥାନ ଦିଗରେ ସରକାର ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଶେରଗଡର ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ତିତ୍‌ଲି କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବିପାଇଁ ନିଷ୍ପତ୍ତି ହୋଇଥିଲା। ଆଗାମୀ ମାସରେ କୈବର୍ତ୍ତମାନଙ୍କୁ ନେଇ ମହାସମ୍ମିଳନୀ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଉଜ୍ଜ୍ୱଳ ବେହେରା, ରାଜେନ୍ଦ୍ର ବେହେରା, ନୀର ବେହେରା, କଂଗ୍ରେସ ବେହେରା, ନାରାୟଣ ବେହେରା, ଜୀବନ ବେହେରାଙ୍କ ସମେତ ଶତାଧିକ କୈବର୍ତ୍ତ ଯୋଗ ଦେଇଥିଲେ।

# ବନ୍ଦ ଥିବା ଔଷଧ ଦୋକାନ ଖୋଲିଲା

ସୋରଡ଼ା,୧୯।୧(ଡି.ଏନ.ଏ.)

ବଡ଼ଗଡ଼ ସରକାରୀ ଡାକ୍ତରଖାନା ପରିସରରେ ଥିବା ଲୋକନାଥ ଔଷଧ ଦୋକାନ ଏକ ମାସ ଧରି ସିଲ୍ ହୋଇ ରହିଥିଲା। ଗୁରୁବାର ସନ୍ଧ୍ୟାରୁ ପୁଣି ଏହା ଖୋଲାଯାଇଛି। ଗତ ଡିସେମ୍ବର ୧୨ ତାରିଖରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବଡ଼ଗଡ଼ ସରକାରୀ ଡାକ୍ତରଖାନା ପରିଦର୍ଶନରେ ଯାଇ ମେଡିକାଲ ପରିସରରେ ଥିବା ଉକ୍ତ ଔଷଧ ଦୋକାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଡିଓ ସୀମାଞ୍ଚଳ ମଣ୍ଡଳ ଔଷଧ ଦୋକାନରେ ତାଲା ପକାଇଥିଲେ। ହେଲେ ବର୍ତ୍ତମାନ ଏହା ଖୋଲାଯାଇଥିବା ଦୃଶ୍ୟ ସୋସିଆଲ ମିଡିଆରୁ ଜଣାପଡ଼ିଛି। ଏ ସମ୍ପର୍କରେ ବଡ଼ଗଡ଼ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପାଇକଙ୍କ ସହ ଯୋଗାଯୋଗରେ ସେ କହିଛନ୍ତି ବିଡିଓ ଫୋନ ଯୋଗେ ଉକ୍ତ ଦୋକାନର ତାଲା ଖୋଲିବା ପାଇଁ ମୋତେ ନିର୍ଦ୍ଦେଶ ଦେବା ପରେ ସେଠାକୁ ଯାଇ ତାଲା ଖୋଲାଯାଇଥିଲା। ଦୋକାନୀ ମାଲିକ ସିଏଚ୍ ଭଗବାନ ପାତ୍ରଙ୍କୁ ଯୋଗାଯୋଗରେ କହିଥିଲେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ପୁଣି ଦୋକାନ ଖୋଲାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ସିଲ କରିଥିଲେ ଏବଂ ପରେ ବିଡିଓଙ୍କ ନିର୍ଦ୍ଦେଶରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆସି ତାଲା ଖୋଲିବା ପରେ ଦୋକାନରୁ ରୋଗୀଙ୍କୁ ଔଷଧ ଦିଆଯାଉଛି।

# ଉଦୟନାଥ ବିଦ୍ୟାପୀଠର ବାର୍ଷିକୋତ୍ସବ

ଖଲ୍ଲିକୋଟ,୧୯।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଥିବା ଉଦୟନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସାଦ ଆଚାର୍ଯ୍ୟ, ଶିକ୍ଷକ ସୁରେନ୍ଦ୍ର ଆଚାର୍ଯ୍ୟ, ସିଆର୍‌ସିସି ମିଶ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଉତ୍ସବରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ମହାରଣାଙ୍କ ସମେତ ବହୁ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ସାମିଲ ଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

### ପୋଲିଓ ବୁନ୍ଦା ଖାଇଲେ ଶିଶୁ

ଚନ୍ଦ୍ରଗିରି,୧୯।୧(ଡି.ଏନ.ଏ.)

ମୋହନା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୋଲିଓ କେନ୍ଦ୍ରଗୁଡିକରେ ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହା ୩ ଦିନ ଧରି ଚାଲିବ। ଗଜପତି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶା ମ୍ୟାନେଜର ନାରାୟଣ ମଲ୍ଲିକ ଓ ଆଶା ପରାମର୍ଶଦାତା ସିଦ୍ଧାର୍ଥ ଦାସ ପୋଲିଓ କେନ୍ଦ୍ର ଗୁଡିକ ବୁଲି ତଦାରଖ କରୁଛନ୍ତି। ଏନେଇ ଲୋକମାନଙ୍କୁ ସଚେତନ କରିବା ସହ ଯେଉଁ ଶିଶୁ ମାନେ ପୋଲିଓ ବୁନ୍ଦା ଖାଇ ନାହାନ୍ତି ସେମାନଙ୍କ ଘରକୁ ଯାଇ ପୋଲିଓ ଖୁଆଇବା ପାଇଁ ଆଶା ଓ ଅଙ୍ଗନୱାଡି କର୍ମୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଘର ପୋଡିଲେ। ପୁଅ

ପାଟପୁର,୧୯।୧

ସାନଖେମୁଣ୍ଡି ବ୍ଲକ ପାଟପୁର ପଞ୍ଚାୟତ ଜଗନ୍ନାଥ ମନ୍ଦିର ମେନ୍ ରୋଡ଼ ସାହିରେ ରବିବାର ସନ୍ଧ୍ୟାରେ ନିଜ ପୈତୃକ ଘରକୁ ପୁଅ ଜାଳିଦେଇଛନ୍ତି। ଦିଗପହଣ୍ଡି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଉକ୍ତ ଗ୍ରାମରେ ବାପା ପୁଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ପୁଅ ରାଗିଯାଇ କେହି ନ ଥିବା ବେଳେ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ।

# ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ବୈଠକ

ଆର.ଉଦୟଗିରି,୧୯।୧(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ଛେଲିଗଡ଼ ଗ୍ରାମରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଇନଚାର୍ଜ ଅଧ୍ୟକ୍ଷା ମଧୁସ୍ମିତା ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ କମିଟି ସଦସ୍ୟ, ଛେଲିଗଡ଼ ସମିତିସଭ୍ୟ ରାମଚନ୍ଦ୍ର ରଣସିଂହ ନାୟକ ଏବଂ କମିଟିର ସଭାପତି ଦେବରାଜ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ପରେ ଅଭିଭାବକମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ବିଦ୍ୟାଳୟର ଅଧ୍ୟକ୍ଷା ପାତ୍ରଙ୍କୁ ପ୍ରଦାନ କରିଥିଲେ। ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ପାନୀୟ ଜଳ ସମସ୍ୟା ଦୂରୀକରଣ, ଖେଳ ପଡ଼ିଆ ଓ ବାଳକ ହଷ୍ଟେଲ ଗୃହ ନିର୍ମାଣ କରିବାକୁ ଦାବି ରହିଛି। ବୈଠକରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଯୋଗ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ମାଳି,
ଭିତରେ ଭିତରେ ସଲାସୁତର,
ବାହାରେ ଲାଗିଛି କଳି।**

ନିଜ ନିଜ ମଧ୍ୟରେ ବୁଝାମଣା ଏକଦମ୍ ଠିକ୍ ଅଥଚ ଲୋକ ଦେଖିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଦେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁ ଡାଳେ ଡାଳେ ଗଲେ
ମୁଁ ପତରେ ପତରେ ଯିବି।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଜଣେ ଆଉ ଜଣଙ୍କ ଠାରୁ ବୁଦ୍ଧିରେ ବଳିଯିବା ବା ଟପିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜବଂଶ କ୍ରିକେଟକୁ ହରାଇ ମୁଣ୍ଡମରାଇ ବିଜୟୀ

**କାହ୍ନୁଚରଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଆସିକା,୧୯।୧ (ଡି.ଏନ୍.ଏ)

ଆସିକା ଏନ୍‌ଏସିର ତାଲୁକା ଛକଠାରେ କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ହୋଇଥିଲା। ମୁଣ୍ଡମରାଇ ଗାଲେକ୍ସି ଇଲେଭେନ ସହ ଶେରଗଡ଼ ରାଜବଂଶ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ମୁଣ୍ଡମରାଇ ଦଳ ବିଜୟୀ ହୋଇଛି। ଟସ୍ ଜିଣି ମୁଣ୍ଡମରାଇ ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା। ଶେରଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୦୦ ରନ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଜବାବରେ ମୁଣ୍ଡମରାଇ ଦଳ ୧୯.୪ ଓଭରରେ ୭ ଉଇକେଟ ହରାଇ ନିର୍ଦ୍ଧାରିତ ରନ କରି ବିଜୟୀ ହୋଇଥିଲା। ମୁଣ୍ଡମରାଇ ଦଳର ମଣ୍ଟୁ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମିତେଶ ସାହୁ ଓ ଆପୁରାଜା ଖେଳ ପରିଚାଳନା କରିଥିଲେ।



ଧରିତ୍ରୀ
DHARITRI
ସୋମବାର ୨୦ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ଏ ଜନ୍ମର ଆଧ୍ୟାତ୍ମିକ ସାଧନା ପରଜନ୍ମରେ ପ୍ରାପ୍ତ ହୋଇଥାଏ: ସ୍ୱାମୀ ମୁକୁନ୍ଦାନନ୍ଦ



**ବ୍ରହ୍ମପୁର ଅଫିସ, ୧୯।୧:** ଖଲ୍ଲିକୋଟ ପଡ଼ିଆରେ ଆୟୋଜିତ ପ୍ରବଚନ ରବିବାର ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ସ୍ୱାମୀ ମୁକୁନ୍ଦାନନ୍ଦଙ୍କୁ ଲୋକେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗ । ବୈଜ୍ଞାନିକ ଉଦ୍ଭାବନ ସମାଜ ପାଇଁ ଯାହା କରିଛି ତାହା ପୂର୍ବେ ମୁନି, ଋଷିଙ୍କ ଅନୁଶୀଳନ, ପରୀକ୍ଷାର ଫଳ। ମୁନି, ଋଷିମାନେ ଲିଖିତ ଭାବରେ ସମାଜକୁ ଦିଗ୍‌ଦର୍ଶନ ଦେଇଛନ୍ତି। ମନୁଷ୍ୟ ଓ ପଶୁପକ୍ଷୀ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରନ୍ତି କିନ୍ତୁ ଜ୍ଞାନ ଈଶ୍ୱରଙ୍କଠାରୁ ମିଳିଥାଏ। ଭଗବାନଙ୍କ ସେବାକୁ ପ୍ରଥମ ଓ ପ୍ରାଧାନ୍ୟ ଦେବା ଉଚିତ ବୋଲି କହିଥିଲେ। ଆମେ ଏ ଜନ୍ମରେ କରିଥିବା ଆଧ୍ୟାତ୍ମିକ ସାଧନା ପରଜନ୍ମରେ ପ୍ରାପ୍ତି ହୋଇଥାଏ। ତେଣୁ ଭଗବାନଙ୍କ ଆରାଧନା କରିବା ଉଚିତ।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପାଟପୁର,୧୯।୧:** ପାଟପୁର ଥାନା ରାଧାଦେଇପୁର ପଞ୍ଚାୟତ ଉପ୍ତା ଜଗନ୍ନାଥପୁର ଛକ ନିକଟରେ ରବିବାର ସକାଳ ପ୍ରାୟ ୮ ଟାରେ ଏକ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉପ୍ତା ଜଗନ୍ନାଥପୁର ଗ୍ରାମର ଲକ୍ଷ୍ମଣ ସ୍ୱାଇଁ (୭୦)। ଲକ୍ଷ୍ମଣ ସକାଳ ପ୍ରାୟ ୮ ଟାରେ ଶୌଚ ହେବା ପାଇଁ କେନାଲକୁ ଯିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଖବର ଜଣାପଡିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆହତ ଲକ୍ଷ୍ମଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହେବା ପରେ ଦାହ କରାଯାଇଥିଲା।

### ବମକୋଇ କଲେଜ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ଦିଗପହଣ୍ଡି,୧୯।୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମ ଚିଦାନନ୍ଦ ସରସ୍ୱତୀ ଯୁକ୍ତ ୨ କଲେଜ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଦେବଦତ୍ତ ସୁବୁଦ୍ଧି ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବିଭାଗରେ ଛାତ୍ର ଦିଲୀପ କୁମାର ଗୌଡ ଏବଂ ବାଳିକା ବିଭାଗରେ ଛାତ୍ରୀ ଉଷାରାଣୀ ପାଇକ ଚାମ୍ପିୟନ ହୋଇଥିଲେ। ଆଖପାଖ ବିଭିନ୍ନ କଲେଜର କ୍ରୀଡ଼ା ପ୍ରଶିକ୍ଷକ ସୁଧାକର ବିଷୋୟୀ, ସୁଧାଂଶୁ ମୋହନ ପ୍ରଧାନ, ଏସ୍.ସୀତାରାମ ମୂର୍ତ୍ତି, ମାଧବ ଖୁଣ୍ଟିଆ, ସବିତା ପଣ୍ଡା, କେ.ନାନବାବୁ ଦୋରାଙ୍କ ସମେତ ଚିଦାନନ୍ଦ କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାମପନ୍ଥୀ ସଂଗଠନର ସଂହତି ଦିବସ ସମାବେଶ



ସମାବେଶରେ ବାମପନ୍ଥୀ ସଂଗଠନ ନେତାମାନେ ।

**ବ୍ରହ୍ମପୁର ଅଫିସ,୧୯।୧**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଧର୍ମ ଭିତ୍ତିରେ ରାଜନୀତି କରି ଦେଶରେ ବିଭେଦ ସୃଷ୍ଟି କରୁଛନ୍ତି। ସମ୍ବିଧାନ ବିରୋଧୀ ଆଇନ ସଂଶୋଧନ ଦ୍ୱାରା ଅଗଣତାନ୍ତ୍ରିକ ନୀତି ଚଳାଇଛନ୍ତି। ଫଳରେ ବିଭିନ୍ନ ସ୍ଥାନରେ ଅରାଜକତା ଦେଖାଦେଇଛି। ଏହା ଭାରତ ଭଳି ଗଣତନ୍ତ୍ର ଓ ଧର୍ମନିରପେକ୍ଷ ରାଷ୍ଟ୍ର ବିପଦ ଆଡ଼କୁ ମୁହାଁଉଛି। ଗଣତନ୍ତ୍ରପ୍ରେମୀ ଜନସାଧାରଣ ଏହାକୁ ତୀବ୍ର ବିରୋଧ କରିବାକୁ ଆହ୍ୱାନ ଦିଆଯାଇଛି। ଜନ ବିରୋଧୀ ନାଗରିକତ୍ୱ ଆଇନ ସଂଶୋଧନ (ସିଏଏ) ପ୍ରତ୍ୟାହାର କରାଯିବାକୁ ଦାବି ହୋଇଛି।

ଗଞ୍ଜାମ ଜିଲା ସିପିଏମ୍ (ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି) ପକ୍ଷରୁ କୃଷକ, ଶ୍ରମିକ ଓ କ୍ଷେତ ମଜଦୁର ସଂହତି ଦିବସ ରବିବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। କମାପଲ୍ଲୀ ଛକରେ ହୋଇଥିବା ସମାବେଶରେ ଓଡ଼ିଶା କୃଷକ ସଭା ଉପସଭାପତି ଜଗନ୍ନାଥ ମିଶ୍ର ଯୋଗ ଦେଇଥିଲେ। ମୋଦି ସରକାରଙ୍କ ଏନ୍‌ଆରସି ଓ ଏନ୍‌ପିଆରକୁ ମଧ୍ୟ ସେ ନିନ୍ଦା କରିଥିଲେ। ସହରାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ଦେଇଥିଲେ। ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରି ୨୧ ହଜାର ଟଙ୍କା ଧାର୍ଯ୍ୟ ଏବଂ କୃଷକ ଓ ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାର ପେନସନ ଯୋଜନା କାର୍ଯ୍ୟକାରୀ କରିବାକୁ ମିଶ୍ର ଦାବି କରିଛନ୍ତି। ସ୍ୱାମୀନାଥନ କମିଶନ ସୁପାରିଶ ଏଯାବତ କାର୍ଯ୍ୟକାରୀ ହୋଇ ନ ଥିବାରୁ ସରକାରଙ୍କ କୃଷକ ମାରଣ ନୀତି ପଦାରେ ପଡ଼ିଥିବା ଜଗନ୍ନାଥ ସଙ୍ଗିନ ଅଭିଯୋଗ କରିଥିଲେ।

**କେନ୍ଦ୍ର ସରକାରଙ୍କ ଧର୍ମଭିତ୍ତିକ ରାଜନୀତିକୁ ନିନ୍ଦା**

- ସିଏଏ, ଏନ୍‌ଆରସି, ଏନ୍‌ପିଆର ପ୍ରତ୍ୟାହାର ଦାବି
- ଚାଷୀଙ୍କ କୃଷିଋଣ ଛାଡ଼ କରାଯାଉ

ସମାବେଶରେ କୃଷକ ସଭା ଜିଲା କମିଟି ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀ, ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବସନ୍ତ ନନ୍ଦ, ବିଦ୍ୟାଧର ଜେନା, ବାବୁଲା ନାୟକ, ଗୋପାଳ ପାଣିଗ୍ରାହୀ, ଚିଟ୍ଟି ବାବୁ, ଶ୍ୟାମ ବେହେରା, ଅଶୋକ ଦାସ, ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ମାରଣ ନୀତିର ସମାଲୋଚନା କରାଯାଇଥିଲା। ଚାଷୀଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବାକୁ ବାମପନ୍ଥୀ ଶ୍ରମିକ ଓ କୃଷକ ସଂଗଠନର ନେତାମାନେ ଦାବି କରିଥିଲେ।

# ରଙ୍ଗତୂଳୀ କଳାକାରଙ୍କୁ ଶ୍ରମିକ ମାନ୍ୟତା ଦାବି

**ବ୍ରହ୍ମପୁର ଅଫିସ,୧୯।୧**

ଗଞ୍ଜାମ ଜିଲା ରଙ୍ଗତୂଳୀ କଳାକାର ସଂଘ ସାଧାରଣ ବୈଠକ ରବିବାର କରଞ୍ଜେଇ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ଏମାନଙ୍କୁ ସରକାର ଶ୍ରମିକ ମାନ୍ୟତା ଦେବା ସହ ପରିଚୟପତ୍ର ପ୍ରଦାନ ପାଇଁ ଦାବି କରାଯାଇଛି। ବର୍ଷସାରା କାମ ମିଳୁ ନ ଥିବାରୁ ବେକାରି ଭତ୍ତା ଓ ସାମାଜିକ ସୁରକ୍ଷା ଯୋଗାଇବା, ଉପଯୁକ୍ତ ମଜୁରି ନିର୍ଦ୍ଧାରଣ ପାଇଁ ଦାବି ପ୍ରସ୍ତାବ ଗୃହୀତ ହୋଇଛି। ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ କରାଯାଇ ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକରେ ଜିଲା କମିଟି ସଭାପତି ଦିଗାମ୍ବର ଜେନା ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ମହାରଣା ଓ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। କଳାକାରଙ୍କ ବିଭିନ୍ନ ସମସ୍ୟା ନେଇ ଉଭୟ ନେତା ଆଲୋକପାତ କରିଥିଲେ । ଜିଲା ସଂଘ ସମ୍ପାଦକ ସୁଧୀର ମହାରଣା ଦାବି ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ତୁରନ୍ତ ପୂରଣ ପାଇଁ ସରକାର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନ ହେଲେ ପ୍ରତିବାଦରେ ସଂଘ ଆନ୍ଦୋଳନକୁ ଓହ୍ଲାଇବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ବହୁ ସଂଖ୍ୟକ ରଙ୍ଗତୂଳୀ ପେଣ୍ଟିଂ) କଳାକାର ଉପସ୍ଥିତ ଥିଲେ।

# ତିନିଦିନରେ ୩,୫୨,୫୮୦ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା



ସିଡିଏମ୍‌ଓ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଉଛନ୍ତି ।

**ବ୍ରହ୍ମପୁର ଅଫିସ,୧୯।୧**

ଜିଲାସ୍ତରୀୟ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ ହୋଇଯାଇଛି। ସିଟି ହସ୍ପିଟାଲରେ ଥିବା ପ୍ରସବ ପୂର୍ବବର୍ତ୍ତୀ ଚିକିତ୍ସା କେନ୍ଦ୍ର (ପିପିସି) ରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ ପିଏଚଓ) ଡା.ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ ପିଏଚଓ) ଡା.ଭି.ସରୋଜିନୀ ଦେବୀ, ମଶା ବାହିତ ରୋଗ ବିଭାଗ ଅତିରିକ୍ତ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ ପିଏଚଓ) ଡା.ଆର.ଜଗଦୀଶ ପଟ୍ଟନାୟକ, ଡିପିଏଚଓ ଡା. ସନ୍ତୋଷ କୁମାର ପାଢୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସର୍ଭିଲେନ୍ସ ମେଡିକାଲ ଅଫିସର ଡା.ସମ୍ବିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଚିହ୍ନଟ ଜନ୍ମରୁ ୫ ବର୍ଷ ବୟସର ୩୫୨୫୮୦ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ରବିବାର ଜିଲାର ୧୬୧୭ ବୁଥରେ ପଲସ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଅନ୍ୟ ଦୁଇଦିନ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ।

**ଜିଲାସ୍ତରୀୟ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ**

## ବାଇକ୍ ଧକ୍କାରେ ଖବରଦାତା ଆହତ

**ବ୍ରହ୍ମପୁର ଅଫିସ,୧୯।୧**

ଟ୍ରାଫିକ ଥାନା ଅନ୍ତର୍ଗତ ଖଜୁରିଆ ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଧରିତ୍ରୀ କନିଷ୍ଠ ଖବରଦାତା ରାମକୃଷ୍ଣ ସାହୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେ ରବିବାର ସନ୍ଧ୍ୟାରେ କୌଣସି କାମରେ ସାଇକଲରେ ବ୍ରହ୍ମପୁର ଆସୁଥିଲେ। ଖଜୁରିଆ ନିକଟରେ ଏକ ବାଇକ୍ ତାଙ୍କ ସାଇକଲକୁ ପଛପଟେ ଧକ୍କା ଦେଇଥଲା। ଫଳରେ ସେ ରାସ୍ତାରେ ପଡ଼ି ଯାଇଥିଲେ। ଅନ୍ୟପଟେ ବାଇକ୍ ଚାଳକ ଦୁର୍ଘଟଣା ଘଟାଇବା ପରେ ଭାରସାମ୍ୟ ହରାଇବାରୁ ସେ ମଧ୍ୟ ପଡିଯାଇଥିଲେ। ଉଭୟ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

# ଲୁଟେରା ଗିରଫ, ବ୍ୟାଗ ଜବତ

**ବ୍ରହ୍ମପୁର ଅଫିସ,୧୯।୧**


ଗିରଫ ଲୁଟେରା ।

ସରକାରୀ ରେଳ ବିଭାଗ ପୋଲିସ (ଜିଆରପି) ଜଣେ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଲକ୍ଷ୍ମୀଧର ଓରଫ ବାପି ବେହେରା (୨୬) ବୋଲି ପୋଲିସ କହିଛି। ସେ ଜଣେ ଟ୍ରେନ ଯାତ୍ରୀଙ୍କର ଏକ ବ୍ୟାଗ ଲୁଟି ନେଇଥିଲେ। ପୋଲିସ ତାଙ୍କଠାରୁ ଜବତ କରିଛି। ବ୍ୟାଗ ଭିତରେ ୬୩୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ, ଏଟିଏମ୍ କାର୍ଡ, ଆଧାର କାର୍ଡ ଥିବା ବେଳେ ତାହାକୁ ପୋଲିସ ଆବେଦନକାରୀଙ୍କୁ ଫେରସ୍ତ କରିଥିବା କହିଛି। ମାମଲା ନମ୍ବର ୯/୨୦ରେ ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

ଘଟଣାରୁ ପ୍ରକାଶ, କନ୍ଧମାଳ ଜିଲା କରାମହାର ମନୋଜ ନାୟକ ଆନ୍ଧ୍ରପ୍ରଦେଶ ରେ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ସେ କିଛିଦିନ ତଳେ ଘରକୁ ଫେରିଥିଲେ। ଶନିବାର ରାତିରେ ସେ ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଯାତ୍ରୀ ବିଶ୍ରାମାଗାରରେ ରହିଥିଲେ। ଭୋର ସାଢେ ୪ଟା ବେଳେ ଜଣେ ଯୁବକ ତାଙ୍କ ବ୍ୟାଗଟି ଧରି ପଳାଉଥିବା ବେଳେ ସେ ଚିତ୍କାର କରିଥିଲେ। ସେଠାରେ ପାଟ୍ରୋଲିଂ କରୁଥିବା ପୋଲିସ ଯୁବକଙ୍କୁ କାବୁ କରି ଜିଆରପି ଥାନାକୁ ଆଣିଥିଲେ।

# ସକ୍ଷମ ସାଇକେଲ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୧୯।୧**

ଜନସାଧାରଣଙ୍କୁ ତୈଳ ଓ ଗ୍ୟାସ୍ ସଂରକ୍ଷଣର ଆବଶ୍ୟକତା ଏବଂ ଏଥି ପାଇଁ ଉଚିତ ପଦକ୍ଷେପ ବିଷୟରେ ପେଟ୍ରୋଲିୟମ ସଂରକ୍ଷଣ ଗବେଷଣା ସଂସ୍ଥା(ପିପିଆର), ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଦ୍ୱାରା ରବିବାର ପୂର୍ବାହ୍ନରେ ବ୍ରହ୍ମପୁର ମେଡିକାଲ ଛକରୁ ଏକ ସାଇକ୍ଲୋଥାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତେନ୍ଦର ସିଂ ଯୋଗ ଦେଇଥିଲେ। ତୈଳ ଉଦ୍ୟୋଗୀ, ସ୍କୁଲ, କଲେଜ୍, ସାଧାରଣ ଜନତା ବିଭିନ୍ନ ଅନୁଷ୍ଠାନରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ କ୍ରମେ ସକ୍ଷମ(ସଂରକ୍ଷଣ କ୍ଷମତା ମହୋତ୍ସବ) ଦ୍ୱାରା ଜନସାଧାରଣଙ୍କୁ ତୈଳ ଓ ଗ୍ୟାସ୍ ସଂରକ୍ଷଣ ପାଇଁ ସଚେତନ କରାଯାଉଛି । ସାଇକେଲ୍ ଚଳାଇବାକୁ ପ୍ରୋତ୍ସାହିତ କରି ତୈଳ ଖର୍ଚ୍ଚ କମ୍ କରି ପରୋକ୍ଷ ଭାବେ ବିଦେଶୀ ମୁଦ୍ରାର କମ୍ ବ୍ୟବହାର ପ୍ରତି ଲକ୍ଷ୍ୟ ରଖାଯାଇଛି । ଏହା ଆଗାମୀ ଦିନରେ ବିଭିନ୍ନ ସହରରେ ହେବାକୁ ସ୍ଥିର କରାଯାଇଛି ।


ସାଇକ୍ଲୋଥାନ ପ୍ରତିଯୋଗୀ ।

# ୨୬ରେ ୩ୟ ଜେବି ସ୍ମାରକୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧୯।୧**

ବ୍ରହ୍ମପୁର ପ୍ରେସ କ୍ଲବ ପକ୍ଷରୁ ଆସନ୍ତା ୨୬ ତାରିଖରେ ୩ୟ ଜୟବର୍ଦ୍ଧନ ଦାସ (ଜେବି) ସ୍ମାରକୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ହିଲପାଟଣାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଏହା ସ୍ଥାନୀୟ ଖଲ୍ଲିକୋଟ ଷ୍ଟାଡିୟମ ଇନ୍‌ଡୋର ହଲରେ ଆସନ୍ତା ରବିବାର ଖେଳାଯିବ। ଏଥିରେ ସିଙ୍ଗଲସ୍ ଓ ଡବଲସ୍ ପ୍ରତିଯୋଗିତା ହେବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ଅନ୍ତର୍ଜାତୀୟ ଭାରୋତ୍ତୋଳକ କେ. ରବି କୁମାର ଯୋଗଦେଇ ଖବରଦାତାମାନଙ୍କ ଖେଳ ପ୍ରତି ରହିଥିବା ଉତ୍ସାହକୁ ପ୍ରଶଂସା କରିଥିଲେ। ଏଭଳି ପ୍ରତିଯୋଗିତା ଆୟୋଜନ କରିବା ଦ୍ୱାରା ଭ୍ରାତୃଭାବର ଆଦାନପ୍ରଦାନ ହୋଇଥାଏ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରତିଯୋଗିତାର ଜର୍ସି ଓ ଲୋଗୋ ଉନ୍ମୋଚନ କରାଯାଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସହରର ଇଚ୍ଛୁକ ଖବରଦାତାମାନେ ଅଂଶଗ୍ରହଣ କରିପାରିବେ। ଯେଉଁ ଖେଳାଳିମାନେ ଭାଗ ନେବାକୁ ଚାହୁଁଛନ୍ତି ଆସନ୍ତା ୨୨ ତାରିଖ ସୁଦ୍ଧା ସେମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ କମିଟି ତରଫରୁ କୁହାଯାଇଛି। ପ୍ରତିଯୋଗିତା କିପରି ଅନୁଷ୍ଠିତ କରାଯାଉଛି ଏବଂ ଏଥିରେ କିଭଳି ଅଧିକରୁ ଅଧିକ ପ୍ରତିଯୋଗୀ ଭାଗ ନେବେ ସେ ନେଇ ଡ଼ି.ଗୋପାଳକୃଷ୍ଣ ରେଡ୍ଡୀ ସୂଚନା ଦେଇଥିଲେ। ଏଥିରେ ସହରର ସମସ୍ତ ଖବରଦାତା ଉପସ୍ଥିତ ଥିଲେ।

# ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ଛାତ୍ରୀଛାତ୍ରଙ୍କ ସଫଳତା



ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଛାତ୍ରୀଛାତ୍ର ।

**ବ୍ରହ୍ମପୁର ଅଫିସ, ୧୯।୧**

ଗତ ଶନିବାର ପ୍ରକାଶିତ ଜେଇଇ ମୁଖ୍ୟ ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଛାତ୍ରୀଛାତ୍ରମାନେ ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି। ମୋଟ ୪୪ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସ ମିଶ୍ର ୯୯.୭୫, ମାଧବ ସାହୁ ୯୯.୪୦, ସ୍ୱାତିଶ୍ରୀ ମହାପାତ୍ର ୯୯.୪୭ ପ୍ରତିଶତ ରଖିଛନ୍ତି। ୧୪ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଅନ୍ୟ ୧୯ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ଏହି ଛାତ୍ରୀଛାତ୍ରମାନେ ଜେଇଇ ଆଡ଼ଭାନ୍ସ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି । ଅନୁଷ୍ଠାନର ୩ ଛାତ୍ର କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନାରେ କୃତକାର୍ଯ୍ୟ ହୋଇଥିଲେ। ଆଇଆଇଟି, ଏନ୍‌ଆଇଟି, ଆଇସିଆଇ, କେଭିପିୱାଇ, ଏଆଇଆଇଏମ୍‌ଏସ୍, ଜେଆଇପିଏମ୍‌ଇଆର, ଏନ୍‌ଇଇଟି, ଏନ୍‌ଆଇଏସ୍‌ଇଆର ଓ ଆଇଆଇଏସ୍‌ଇଆର ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଜାତୀୟ, ଅନ୍ତର୍ଜାତୀୟ ସଂସ୍ଥାରେ ଅଧ୍ୟୟନ ଓ ଗବେଷଣାରତ ଅଛନ୍ତି।

# ହତ୍ୟା ଯୋଜନାବଦ୍ଧ ନା ଦୁର୍ଘଟଣା ରହସ୍ୟ ଘେରରେ

**ବ୍ରହ୍ମପୁର ଅଫିସ,୧୯।୧**

ଲୋଚାପଡା ସେବା ସମବାୟ ସମିତି ଓ ମିନି ବ୍ୟାଙ୍କ ଶାଖା ସମ୍ପାଦକ ଡ଼ି.ଜଗନ୍ନାଥ ପାତ୍ରଙ୍କ ମୃତ୍ୟୁ ଘଟଣାକୁ ୩ ଦିନ ବିତିଛି। କିନ୍ତୁ ଏବେ ସୁଦ୍ଧା ମୃତ୍ୟୁ ରାହସ୍ୟାବୃତ ହୋଇ ରହିଛି। ଏହାକୁ ନେଇ ଏବେ ନାନା କଳ୍ପନାଜଳ୍ପନା ଲାଗିରହିଛି। ଜଗନ୍ନାଥଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ନା ବିଦ୍ୟୁତ୍ ଜନିତ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି ତାହା ଏବେ ସନ୍ଦେହ ଘେରରେ ରହିଛି। ଅନ୍ୟପଟେ ପୋଲିସର ପ୍ରାଥମିକ ତଦନ୍ତରୁ ଜଗନ୍ନାଥଙ୍କର ଗତ ୧୬ ତାରିଖରେ ବିଦ୍ୟୁତ୍ ଶର୍ଟସର୍କିଟରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିଲା। ସେହିପରି ଜଗନ୍ନାଥଙ୍କ ମୋବାଇଲ ଫୋନ ନମ୍ବରକୁ ଘଟଣା ଦିନ କେଉଁ ନମ୍ବରରୁ ଫୋନ ଆସିଥିଲା ସେନେଇ ପୋଲିସ ଟ୍ରାକିଂ ଚଳାଇଛି। ସେହିପରି ଘଟଣାସ୍ଥଳରୁ ଜବତ ହୋଇଥିବା ତାଙ୍କ ଦରପୋଡା ପୋଷାକ, ଚୁଟି, ପାଉଁଶ ଓ ପୋଡିଯାଇଥିବା କମ୍ପ୍ୟୁଟର ପୋଡା ଅଂଶର କ୍ଲିନିକାଲ ପରୀକ୍ଷା ପାଇଁ ଆରଏଫଏସ୍‌ଏଲକୁ ପଠାଯାଇଛି। ଉକ୍ତ ସମବାୟ ସମିତିରେ କାମ କରୁଥିବା ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ପୋଲିସ ଜେରା କରୁଛି। ସେବା ସମବାୟ ସମିତିରେ ତାଙ୍କୁ ଏକାକୀ ଛାଡି ଅନ୍ୟ କର୍ମଚାରୀମାନେ ମଧ୍ୟାହ୍ନ ଭୋଜନ ପାଇଁ କାହିଁକି ଯାଇଥିଲେ ସେନେଇ ପୋଲିସ ତନାଘନା ଚଳାଇଛି। ସେ ଏକାକୀ ଥିବା ବେଳେ ସେଠାକୁ ଅନ୍ୟ କେହି ଲୋକ ଯାଇଥିଲେ କି ନାହିଁ ସେ ଦିଗରେ ମଧ୍ୟ ନଜର ରଖିଛି। ସମିତିରେ ସିସି ଟିଭି କ୍ୟାମେରା ନ ଥିବାରୁ ପୋଲିସକୁ ତଦନ୍ତ ଦିଗରେ କିଛିଟା ସମସ୍ୟା ଦେଖାଦେଇଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଏବେ ଅପେକ୍ଷା କରିଛି। ଯଦି ଘଟଣା ପଛରେ କୌଣସି ରହସ୍ୟ ଥିବା ଜଣାପଡିବ ତେବେ ପୋଲିସ ତଦନ୍ତ ଦିଗ ବଦଳାଇ ଅନୁସନ୍ଧାନ କରିବ ବୋଲି ଜଣାପଡିଛି। ସେପଟେ ମୃତଦେହ ବ୍ୟବଚ୍ଛେଦ ବେଳେ ଜଗନ୍ନାଥଙ୍କ ଶରୀରରେ କିରୋସିନ ଅଂଶ ଥିବା ଏଫଏମ୍‌ଟି ବିଭାଗ ପ୍ରକାଶ କରିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି କିରୋସିନରେ ପୋଡି ହୋଇ ଜଗନ୍ନାଥଙ୍କର ମୃତ୍ୟୁ ଘଟିଛି ତେବେ ସେଠାକୁ କିରୋସିନ କେଉଁଠୁ ଆସିଲା। ଏହା ଜଣାପଡିବା ପରେ ଘଟଣା ଏବେ ଭିନ୍ନ ମୋଡ ନେଇଛି। ସେପଟେ ଜଗନ୍ନାଥଙ୍କ ମୃତ୍ୟୁକୁ ନେଇ ପରିବାର ଏବେ ଆଶା ଆଶଙ୍କାରେ ରହିଛନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ନା ବିଦ୍ୟୁତ୍ ଶର୍ଟସର୍କିଟରୁ ତାଙ୍କର ମୃତ୍ୟୁ ଘଟିଛି ସେନେଇ ତାଙ୍କ ସ୍ତ୍ରୀ ଓ ପରିବାର ଏବେ ଚିନ୍ତାରେ ପଡିଛନ୍ତି। ଜଗନ୍ନାଥ ସେବା ସମବାୟ ସମିତିର କିଛି ଅର୍ଥ ହେରଫେର କରିଥିବା ଜାଣିବାକୁ ମିଳିଛି। ସେ ଜଣେ ମେଳାପି ବ୍ୟକ୍ତି ଭାବେ ଅଞ୍ଚଳରେ ଓ କର୍ମଚାରୀଙ୍କ ଭିତରେ ପରିଚିତ। ତାଙ୍କୁ କିଏ ଓ କାହିଁକି ଏଭଳି ଭାବେ ହତ୍ୟା କଲା କିମ୍ବା ବିଦ୍ୟୁତ ଶର୍ଟସର୍କିଟରେ ତାଙ୍କର ମୃତ୍ୟୁ ଘଟିଲା ଏହାର ଅଧିକ ତଦନ୍ତ ପରେ ଏହି ଘଟଣା ଉପରୁ ପରଦା ହଟିବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ପୋଲିସ ଘଟଣାକୁ ହାଲୁକା ଭାବେ ଗ୍ରହଣ ନ କରି ଏହାର ସମସ୍ତ ଦିଗକୁ ଆଧାର କରି ଠିକ୍ ତଦନ୍ତ କରିବାକୁ ଭାଜପା ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି ଦାବି କରିଛନ୍ତି। ସେପଟେ ଶନିବାର ମୃତ ଜଗନ୍ନାଥଙ୍କ ସ୍ତ୍ରୀ ଡ଼ି.କରିସ୍ମା ପାତ୍ର (୩୦)ସ୍ୱାମୀଙ୍କୁ ବ୍ୟାଙ୍କ ପରିସରରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା ଏବେ ହତ୍ୟା ମାମଲାର ରୂପ ନେଇଛି। ଏନେଇ ଥାନାରେ ୧୭/୨୦ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିବା ସଦର ଏସ୍‌ଡ଼ିପିଓ ଜୟନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

**ସମବାୟ ସମିତି ସମ୍ପାଦକଙ୍କ ମୃତ୍ୟୁ ଘଟଣା**

- ଆତ୍ମହତ୍ୟା ହେଲା ହତ୍ୟା ମାମଲା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ଜାନୁୟାରୀ ୨୦/୨୦୨୦ Berhampur, Monday, January 20/ 2020

# କାର୍ଯ୍ୟକାରୀ ହୋଇନି ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଧାନ କିଣାରେ ଅନିୟମିତତା ଅଭିଯୋଗ ପ୍ରସଙ୍ଗ

ଛତ୍ରପୁର,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଧାନ ମଣ୍ଡି ସବୁ ସ୍ଥାନରେ ଖୋଲି ନ ଥିବା ଏବଂ ବିଭାଗୀୟ ପଦାଧିକାରୀମାନଙ୍କ ଦ୍ୱାରା ଧାନ କିଣାରେ ଅନିୟମିତତା ହେଉଥିବା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହାର ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଗଞ୍ଜାମ ଜିଲାପାଳଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ୬ ତାରିଖରେ ଏକ ନିର୍ଦ୍ଦେଶନାମା (ନଂ-୨୧) ଜିଲାପାଳଙ୍କୁ ଆସିଥିଲା । ଜିଲା ଯୋଗାଣ ଅଧିକାରୀ (ସିଏସ୍ଓ) ଓ ସମବାୟ ସମିତି ଉପନିବନ୍ଧକ (ଡିଆରସିଏସ୍)ଙ୍କୁ ଏହାର ତଦନ୍ତ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଓ ଧାନ ସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପସ୍ଥିତିରେ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷରେ ୧୩ ଦିନ ପରେ ମଧ୍ୟ ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇନି । ଏନେଇ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ନାହାକ ରବିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମ୍ପାଦକ ନାହାକ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ଜିଲାରେ ନଭେମ୍ବର ୧୫ ତାରିଖରୁ ଚାଷୀଙ୍କ ଠାରୁ ଧାନ କିଣା ଆରମ୍ଭ ହୋଇଥିଲା । ମାତ୍ର ଜିଲାର ସମସ୍ତ ସ୍ଥାନରେ ଧାନ ମଣ୍ଡି ଖୋଲିନି । ଫଳରେ କି ମଧ୍ୟସ୍ଥମାନଙ୍କ ଜରିଆରେ ସରକାରୀ ନିର୍ଦ୍ଧାରିତ ଦରଠାରୁ କମ୍‌ରେ ଚାଷୀ ବିକ୍ରି କରିବାକୁ ବାଧ୍ୟ ହେଉଥିବା, ଧାନ ଆନ୍ଧ୍ର ଯାଉଥିବା ଏବଂ କିଣାରେ ଅନିୟମିତତା ହେଉଥିବା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଯୋଗାଣ ମନ୍ତ୍ରୀଙ୍କୁ ୬ ତାରିଖରେ ଭେଟି ଲିଖିତ ଅଭିଯୋଗ କରାଯାଇଥିଲା । ଏହାପରେ ତଦନ୍ତ କରି ରିପୋର୍ଟ ଦେବାକୁ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ୯ ତାରିଖରେ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏଥିସହ ୬ ତାରିଖରେ ଖୋଲିନି ସମସ୍ତ ମଣ୍ଡି, ଆନ୍ଧ୍ର ଯାଉଛି ଧାନ' ଶୀର୍ଷକ ଏକ ଖବର ଫଟୋ ସହ ଧରିତ୍ରୀରେ ମଧ୍ୟ ପ୍ରକାଶ ପାଇଥିଲା । ଟୋକେନ୍ ଆସିବାରେ ବିଳମ୍ବ ହେଉଥିବାରୁ ଧାନ କିଣା ଯାଉ ନ ଥିବା, ୭୭ କି.ଗ୍ରା. ଧାନକୁ ୧୦୫୦ ଟଙ୍କାରେ ବିକ୍ରିକରି ଚାଷୀ କ୍ଷତି ସହୁଥିବା, ଦୈନିକ ସୋସାଇଟି ପକ୍ଷରୁ ଧାନ କିଣାଯାଉ ନ ଥିବା, ଏମ୍ଆଇ ଓ ମିଲର୍‌ମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କୁଇଣ୍ଟାଲ ଧାନରେ ୫ କି.ଗ୍ରା. ଅଧିକା ନିଆଯାଉଥିବା, ଅଖା ଓ ଗାଡି ଖର୍ଚ୍ଚ ଚାଷୀମାନଙ୍କୁ ଦିଆଯାଉ ନ ଥିବା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହାପରେ କୌଣସି ପଦକ୍ଷେପ ନ ନିଆଯିବାରୁ ମହାସଭାର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ଯୋଗାଣ ମନ୍ତ୍ରୀଙ୍କୁ ଭେଟି ଏହି ଅଭିଯୋଗ କରାଯାଇଥିଲା ।

# ୩ ପଦବୀ ଦାୟିତ୍ୱରେ ଜଣେ ଶିକ୍ଷା ଅଧିକାରୀ

## ଗଞ୍ଜାମରେ କାମଚଳା

ଛତ୍ରପୁର,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ପଦବୀରୁ ସନାତନ ପଣ୍ଡାଙ୍କୁ ଶନିବାର ରିଲିଭ୍‌କରି ଦିଆଯାଇଛି । ତାଙ୍କର ପ୍ରମୋଶନ ହୋଇ ଭୁବନେଶ୍ୱରସ୍ଥିତ ଓସେପା ଯୁଗ୍ମ ନିର୍ଦ୍ଦେଶକ ଭାବେ ପୋଷ୍ଟିଂ ହୋଇ ବଦଳି କରାଯାଇଥିଲା । ଗଞ୍ଜାମ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ତାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଫଳରେ ଭାରପ୍ରାପ୍ତ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସେନାପତି ୩ ପଦବୀର ଦାୟିତ୍ୱ ତୁଲାଉଛନ୍ତି । ପୂର୍ବରୁ ତାଙ୍କର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ (ବ୍ରହ୍ମପୁରସ୍ଥିତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ) ପୋଷ୍ଟିଂ ହୋଇଥିଲା । ପରେ ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କଠାରେ ଥିବା ସମଗ୍ର ଶିକ୍ଷା ଅଭିଯାନ (ଛତ୍ରପୁରସ୍ଥିତ କାର୍ଯ୍ୟାଳୟ) ପ୍ରକଳ୍ପ ସଂଯୋଜକ ପଦବୀର ଅତିରିକ୍ତ ଦାୟିତ୍ୱ କଢାଯାଇ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସେନାପତିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ଏବେ ସନାତନ ପଣ୍ଡାଙ୍କ ରିଲିଭ୍ ପରେ ତାଙ୍କୁ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଓ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଛି । ଗୁରୁତ୍ୱପୂର୍ଣ୍ଣ ଉକ୍ତ ୨ ପଦବୀ ଖାଲି ପଡିଥିବାବେଳେ କାହାକୁ ଏଠାରେ ପୋଷ୍ଟିଂ କରାଯାଇନି ।

## ସଂକ୍ଷେପରେ

### ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ହିଞ୍ଜିଳିକାଟୁ,୧୯।୧(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଗ୍ରାମରେ ଜଣେ ଓ ପୋଡ଼ିଙ୍ଗୀ ଗ୍ରାମରେ ୨ଜଣ ନାବାଳିକାଙ୍କ ବିବାହ ପରିବାର ଲୋକେ ଚଳିତ ମାସରେ କରିବାକୁ ସ୍ଥିର କରିଥିଲେ। ଏନେଇ ଜିଲା ଶିଶୁ ସୁରକ୍ଷା ସେଲ ଖବର ପାଇ ପ୍ରଶାସନ ପକ୍ଷରୁ ଉକ୍ତ ବିବାହ ବନ୍ଦ କରିବାକୁ ନାବାଳିକାଙ୍କ ମା' ବାପାଙ୍କୁ ବୁଝାଇଛି। ନାବାଳିକାମାନେ ମାଟ୍ରିକ ପଢୁଥିବାବେଳେ ପରିବାର ପକ୍ଷରୁ ସେମାନଙ୍କ ବିବାହ ସ୍ଥିର କରାଯାଇଥିଲା। ଶନିବାର ହିଞ୍ଜିଳିକାଟୁ ସିଡ଼ିପିଓ ଶୁଭଶ୍ରୀ ପାତ୍ର, ଜିଲା ବାଲ୍ୟ ବିବାହ ପ୍ରତିରୋଧ ସେଲ୍ ଅଧିକାରୀ ଦେବବ୍ରତ ମହନ୍ତ, ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ବନଜା ବେହେରା, ସୋନାଲି ବେହେରା ପ୍ରମୁଖ ନାବାଳିକାଙ୍କ ମାତାପିତାଙ୍କୁ ଭେଟି ବିବାହ ବନ୍ଦ ପାଇଁ ବୁଝାଇବା ପରେ ୧୮ ବର୍ଷ ପୂର୍ବରୁ ସେମାନେ ବିବାହ କରାଇବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ସିଡ଼ିପିଓ ପାତ୍ର କହିଛନ୍ତି।

### ମଦ ଦୋକାନ ଭଙ୍ଗାରୁଜା, ୨ ଗିରଫ

**ହିଞ୍ଜିଳିକାଟୁ,୧୯।୧(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ବଡ଼ କେନାଲ ନିକଟ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନରେ ଭଙ୍ଗା ରୁଜା ସହ ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଗ୍ରାମର ବୁଟୁ ଦାସ ଓ ସନ୍ତୋଷ ଦାସ। ମଦ ଦୋକାନ ସେଲ୍ସମ୍ୟାନ ଶିବାଶିଷ ଚୌଧୁରୀଙ୍କ ଏତାଲା କ୍ରମେ ଏକ (ନଂ.୧୭/୨୦) ମାମଲା ରୁଜୁ ହୋଇଛି। ଅଭିଯୋଗ ପ୍ରକାରେ ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତମାନେ ମଦ ଦୋକାନକୁ ଆସି ଟଙ୍କା ନଦେଇ ଶିବାଶିଷଙ୍କୁ ମଦ ମାଗିବାରୁ ସେ ମନା କରିଥିଲେ। ଫଳରେ ଦୋକାନ ଭିତରେ ପଶି ଭଙ୍ଗାରୁଜା କରିବା ସହ କ୍ୟାସ କାଉଣ୍ଟରରୁ ୧୦ହଜାର ଟଙ୍କା ନେଇଯାଇଥିଲେ।

# ଦୁଇ ଯୁବକଙ୍କୁ ଆକ୍ରମଣ ଘଟଣା, ୩ କୋର୍ଟ ଚାଲାଣ

**ଗୋପାଳପୁର,୧୯।୧:** ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ରବିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନିଷି ହାଟ ଗ୍ରାମର ଗଣେଶ ସାହୁ, ଅମନ ମୁଳି ଓ ନରସିଂହ ସେଠୀ। ଏ ନେଇ ପୋଲିସ ନଂ. ୨୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରକାଶ ଯେ, ଗୋଳନ୍ଥରା ଥାନା କନିଷି ହାଟରେ ସନ୍ଦୀପ ନାୟକ, ସର୍ବେଶ୍ୱର ମିଶ୍ର ଏବଂ ଉକ୍ତ ଗ୍ରାମର କିଛି ଯୁବକଙ୍କ ମଧ୍ୟରେ କ୍ରିକେଟକୁ ନେଇ ବଚସା ହୋଇଥିଲା। ଗତ ୧୭ ତାରିଖରେ କନିଷି ହାଟ ତୁଲୁ ରୋଡରେ ସନ୍ଦୀପ ଓ ସର୍ବେଶ୍ୱର ଛିଡା ହୋଇଥିବା ବେଳେ ୬ ରୁ ୭ ଯୁବକ ଆସି ହଠାତ ସେମାନଙ୍କୁ ପଥର ଓ ଅନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୋଳନ୍ଥରା ଏସ୍ଆଇ ସ୍ମିତା ଜେନା ସଦଳବଳ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ସର୍ବେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଯୁବକ ୩ ଜଣଙ୍କୁ ଶନିବାର ରାତି କନିଷି ହାଟ ଗ୍ରାମରେ ବୁଲୁଥିବା ବେଳେ ପୋଲିସ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର୍ ଅଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଆସିକା,୧୯।୧(ଡି.ଏନ୍.ଏ):** ଆସିକା ଥାନା କାଳଷଣ୍ଢପୁର ଗ୍ରାମରେ ରବିବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ରାଜେଶ୍ୱର ମହାନ୍ତି (୩୫)। ଏ ନେଇ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରାଜେଶ୍ୱର ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଫ୍ୟାନ୍‌ରେ ଏକ ଗାମୁଛା ବାନ୍ଧି ଝୁଲିପଡିଥିଲେ। ଘରକୁ ଫେରି ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଚିକିଟିକୁ ଲେଉଟିଲେ ହାତୀପଲ



ଚିକିଟି ଅଞ୍ଚଳରେ ବୁଲୁଥିବା ଏକ ଦନ୍ତାହାତୀ।

**ଚିକିଟି,୧୯।୧(ଡି.ଏନ.ଏ.):** ଗଜପତି ଜିଲାର ଲଖାରି ଜଙ୍ଗଲ ଛାଡି ଏଣେତେଣେ ବୁଲୁଥିବା ଏକ ହାତୀପଲ ପୁଣି ଏବେ ଚିକିଟି ଅଞ୍ଚଳକୁ ଫେରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗୋବିନ୍ଦନଗର ଗ୍ରାମର କୋରା ସାହୁ, ଗୋବର୍ଦ୍ଧନ ସାହୁଙ୍କ ଧାନଖଳାରେ ୧୦ରୁ ଊର୍ଦ୍ଧ୍ୱ ହାତୀପଲ ପଶି କ୍ଷତିଗ୍ରସ୍ତ କରିଛନ୍ତି। ଗତ ୧୧ ତାରିଖରେ ରାଧାମୋହନପୁର, ଗୋବିନ୍ଦନଗର, ଝିଙ୍କିପଦର, ଭାଲିଆବାଡ, ଏରଣ୍ଡ୍ରା, କୃଷ୍ଣନଗର ଆଦି ଇଲାକାରେ ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ଧାନଫସଲ ସମେତ ବିଭିନ୍ନ ପନିପରିବା କ୍ଷତିଗ୍ରସ୍ତ ହୋଇଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ହାତୀପଲ ରହିବା ସହିତ ସନ୍ଧ୍ୟା ହେଲେ ଜନବସତିଆଡକୁ ମାଡିଆସୁଛନ୍ତି । ବର୍ତ୍ତମାନ ହାତୀପଲ ରାଧାମୋହନପୁର ଗ୍ରାମ ନିକଟସ୍ଥ ପାହାଡରେ ରହୁଥିବା ସୂଚନା ମିଳିଛି। ଫଳରେ ଗୋବିନ୍ଦନଗର, ରାଧାମୋହନପୁର, ଭାଲିଆବାଡ, ଝିଙ୍କିପଦର ସମେତ ଆଖପାଖ ଅଞ୍ଚଳର ଲୋକମାନେ ଆତଙ୍କିତ ଅଛନ୍ତି। ଏହି ହାତୀପଲକୁ ଘଉଡାଇବା ପାଇଁ ଚିକିଟି ବନବିଭାଗ ପକ୍ଷରୁ ଚେଷ୍ଟା କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହିଭଳି ସମସ୍ୟା ଲାଗିରହିଲେ ଆଗାମୀ ଦିନରେ ଧାନଫସଲ ନଷ୍ଟ ହେବା ସମ୍ଭାବନା ରହିଛି। ଏଣୁ ହାତି ଘଉଡାଇବା ଦିଗରେ ଦୃଢ ପଦକ୍ଷେପ ନିଆଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଚିକିଟି ବନପାଳ କେ.କବିତାଙ୍କ ସହ ଯୋଗାଯୋଗ ବେଳେ ହାତୀ ଘଉଡାଇବା ପାଇଁ ଟ୍ରାକ୍ ପ୍ରସ୍ତୁତ କରି ଚେଷ୍ଟା ଚାଲିଛି ବୋଲି କହିଛନ୍ତି।

# ଗଞ୍ଜାମ ପୋଲିସ ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

ଛତ୍ରପୁର,୧୯।୧(ଡି.ଏନ.ଏ.)




ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି ।

ଛତ୍ରପୁରସ୍ଥିତ ପୋଲିସ୍ ପଡିଆରେ ଦୁଇ ଦିନ ଧରି ଚାଲିଥିବା ଗଞ୍ଜାମ ପୋଲିସ ଜିଲାସ୍ତରୀୟ ଆଥଲେଟିକ୍ ମିଟ୍-୨୦୨୦ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗ ଦେଇଥିଲେ । ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଉପସ୍ଥିତ ଥିଲେ । କୃତୀ ମାନଙ୍କୁ ଡିଆଇଜି ପୁରସ୍କାର ପ୍ରଦାନ କରିଥିଲେ । ଛତ୍ରପୁର ହେଡକ୍ୱାର୍ଟର ଚାମ୍ପିୟନ ହୋଇଥିବା ବେଳେ ଭଞ୍ଜନଗର ସବ୍‌ଡିଭିଜନ ଟିମ୍ ରନର୍ସଅପ୍ ହୋଇଥିଲା । ଶ୍ରେଷ୍ଠ ଖେଳାଳି (ପୁରୁଷ) ଭାବେ ଭଞ୍ଜନଗର ସବ୍‌ଡିଭିଜନର ରବୀନ୍ଦ୍ର ସୋରେନ୍ ଓ (ମହିଳା) ପୁରୁଷୋତ୍ତମପୁର ସବଡିଭିଜନ୍‌ର ସୋନି ଦାସ ପୁରସ୍କୃତ ହୋଇଥିଲେ । କ୍ରିକେଟ୍‌ରେ ହେଡକ୍ୱାର୍ଟର ଟିମ୍ ବିଜୟୀ ହୋଇଥିଲା। ବ୍ୟାଡମିଣ୍ଟନ ଡବଲ୍ସରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର ଓ ବୁଗୁଡା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ଯୋଡି ବିଜୟୀ ହୋଇଥିବାବେଳେ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଓ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ରନର୍ସ ଏବଂ ଡିଏସ୍‌ପି ଉତ୍କଳ କେଶରୀ ଦାସ ଓ କନଷ୍ଟେବଲ ଶିବ ପ୍ରଧାନଙ୍କ ଯୋଡି ତୃତୀୟ ସ୍ଥାନରେ ରହିଥିଲା। ଏହି ପ୍ରତିଯୋଗିତାର କୃତୀମାନେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଜିଲାର ଛତ୍ରପୁର, ଭଞ୍ଜନଗର, ପୁରୁଷୋତ୍ତମପୁର ସବ୍‌ଡିଭିଜନ ଏବଂ ପୋଲିସ ହେଡକ୍ୱାର୍ଟର ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ପ୍ରୋବେଶନ୍ ଆଇଏଏସ୍ ଅଭିଳାଷ ଜି, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଡିଏସ୍‌ପି ଉତ୍କଳ କେଶରୀ ଦାସ, ସାମୁଏଲ ପ୍ରଧାନ, ଅଜୟ କୁମାର ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଭଞ୍ଜନଗର ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର,ଏ.ରାବଣା ରାଓ, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ରମ୍ଭା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ପୋଲିସ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ମୃତ

**ଖଲ୍ଲିକୋଟ,୧୯।୧(ଡି.ଏନ.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ପଥରା ପଞ୍ଚାୟତର କଣ୍ଡରାପଡ଼ା ଗ୍ରାମରେ ରବିବାର ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଡରାପଡ଼ା ଗ୍ରାମର ସେରନ୍ତୀ ବେହେରା (୫୦)। ଉକ୍ତ ଗ୍ରାମରେ ସେରନ୍ତୀ ତାଙ୍କ ୪ ପୁଅ, ଦୁଇ ଝିଅ ସହ ରହୁଥିଲେ। ସେରନ୍ତୀଙ୍କ ଜଣେ ୨୨ ବର୍ଷର ଦିବ୍ୟାଙ୍ଗ ପୁତ୍ର ଶର୍ଯ୍ୟାଶାୟୀ। ତାଙ୍କ ସ୍ୱାମୀ ଭିକାରି ବେହେରା ବହୁ ସମୟରେ ଘରେ ରୁହନ୍ତି ନାହିଁ। ବେଳେ ବେଳେ ଘରକୁ ଆସିଲେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଗତ ୧୫ ତାରିଖରେ ଭିକାରି ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଗାଁକୁ ଆସିଥିଲେ। ରବିବାର ମଧ୍ୟାହ୍ନରେ ପୁଣି ଘରେ ସେରନ୍ତୀ ଓ ଭିକାରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଭିକାରି ରାଗି ଯାଇ ଦିବ୍ୟାଙ୍ଗ ପୁଅ ଆଗରେ ଛୁରି ନେଇ ସେରନ୍ତୀଙ୍କୁ ଭୁସି ଦେଇଥିଲେ। ପାଟି ଶୁଣି ପଡ଼ୋଶୀ ପହଞ୍ଚି ସେରନ୍ତୀଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ, ଏସ୍ଆଇ ଟୁନା ପିଡ଼ିକା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟାକାଣ୍ଡ ଘଟାଇ ଭିକାରି ଫେରାର ହୋଇଯାଇଛନ୍ତି।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ